# କୃଷି ସୂଚନା ସେବା (ଧାନ)
# ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
# ୨୦୧୯ ମସିହା ଅକ୍ଟୋବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

ଏଭଳି କୋହଲା ମେଘୁଆ ପାଗ, ମଝିରେ ମଝିରେ ବର୍ଷା ଏବଂ ତାପମାତ୍ରା କମ୍ ହେବା ଯୋଗୁଁ ଧାନ ଫସଲରେ ବହୁତ ପ୍ରକାରର ରୋଗ ଓ ପୋକ ଦେଖାଯାଏ । ତେଣୁ ଚାଷୀ ଭାଇମାନେ ସଜାଗ ରହିବା ଦରକାର ।

- ମାଟିଆ ଗୁଣ୍ଡିପୋକ ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଆଜାଡ଼ିରାକ୍ଟିନ୍ ୦.୧୫% ଡବ୍ଲ୍ୟୁ/ଡବ୍ଲ୍ୟୁ (ନିମ୍ନତମ) ଔଷଧ ୬୦୦-୮୦୦ ମି.ଲି. କିମ୍ବା ଟ୍ରିଫ୍ଲୁମେଜୋପାଇମ୍ ୧୦ ଏସ୍.ସି ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦ % ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡ଼ିନୋଟେଫ୍ୟୁରନ୍ ୨୦% ଏସ୍.ଜି. ୮୦ ଗ୍ରାମ୍ କିମ୍ବା ଇମିଡ଼ାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫ % ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ। ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ଯଦି ବଙ୍ଗୀ ପୋକ ଦେଖାଯାଏ ତେବେ ଏକର ପ୍ରତି ଥାୟୋମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୫ % ଏସ୍.ସି. ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରୟୋଗ କରନ୍ତୁ।

- କାଣ୍ଡବିନ୍ଧା ପୋକ କିମ୍ବା ପତ୍ରମୋଡ଼ା ପୋକର ନିରିକ୍ଷଣ ପାଇଁ ଧାନରେ ଏକର ପିଛା ୩ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତ୍ରା ରଖନ୍ତୁ। ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ରାତିରେ ଯନ୍ତ୍ରା ପ୍ରତି ୩ ଟି ଦେଖାଯିବ, ଏକର ପିଛା ୫ଟି ଟ୍ରାଇକୋ କାର୍ଡ଼ (୨୦୦୦୦ ରୁ ୨୫୦୦୦ ଅଣ୍ଡା) ୧୦ ଦିନ ଅନ୍ତରରେ ବ୍ୟବହାର କରନ୍ତୁ । ଯଦି ମଲା ମଞ୍ଜ ଦେଖାଯାଏ ତେବେ ଏକର ପିଛା ଆଜାଡ଼ିରାକ୍ଟିନ୍ ୦.୧୫% (ନିମ୍ନତମ) ଏକ ଲିଟର କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ବିଭିନ୍ନ ପ୍ରକାର ରୋଗ ଯଥା ମହିଷା, ପତ୍ରାଚ୍ଛାଦ ପୋଡା, ପତ୍ରପୋଡା, ପତ୍ରଗାର ପୋଡା ଏବଂ ପତ୍ରାଚ୍ଛାଦ ସଢ଼ା ରୋଗ ପାଇଁ ସାବଧାନତା ଅବଲମ୍ବନ କରିବା ଦରକାର । ଯଦି ଆବଶ୍ୟକ ପଡେ ସେମାନଙ୍କୁ ଦମନ ପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରନ୍ତୁ :

- ମହିଷା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% ସହିତ ଟ୍ରିଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ( ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା ୨ ଗ୍ରାମ୍ ହିସାବରେ କାରବେନ୍‌ଡାଜିମ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ସିଞ୍ଚନ କରିବା ଦରକାର । ଏତଦ୍‌ବ୍ୟତୀତ ୨୫ ଗ୍ରାମ୍ ପତ୍ରର ବେଲପତ୍ର ରସ କିମ୍ବା ତୁଳସୀ ପତ୍ର ରସ କିମ୍ବା ୨୦୦ ଗ୍ରାମ୍ ନିମ୍ବ ପତ୍ର ୧ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ରୋଗ ଦମନ ହୋଇଥାଏ ।
- ସାଆଁରା ରୋଗ : ସାଆଁରା ରୋଗ ଦମନ ପାଇଁ କପର ହାଇଡ୍ରୋକ୍ସାଇଡ୍ ୭୭% ୨ ଗ୍ରାମ୍ କିମ୍ବା ଟେବୁକୋନାଜୋଲ୍ ୨୫% ୨ ମି.ଲି. ୧ ଲିଟର ପାଣିରେ ମିଶାଇ ଫୁଲ ପୂର୍ବରୁ ଥରେ ଓ ପରେ ଥରେ ସ୍ପ୍ରେ କରନ୍ତୁ । କେଣ୍ଡାରେ ଧାନ ହେବା ପରେ ବିଲରୁ ପାଣି ବାହାର କରିଦିଅନ୍ତୁ ।

- ପତ୍ରାଚ୍ଛାଦ ପୋଡା ରୋଗ ଦମନ ପାଇଁ ପ୍ରୋପିକୋନାଜଲ୍ ୨୫% (ଟିଲ୍ଟ) ୧ ମି.ଲି. କିମ୍ବା ରାଇଜୋସିନ୍ ୩ ଏଲ୍ କିମ୍ବା ସିଥ୍ମାର୍ ୩ ଏଲ୍ ୨ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ । କିମ୍ବା ଟେବୁକୋନାଜୋଲ ୫୦% ସହିତ ଟ୍ରିଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ( ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା କଣ୍ଟାଫ୍ ୫ ଇ.ସି. (ହେକ୍ସାକୋନାଜଲ୍ ୫ଇ.ସି.) ୨ ମି.ଲି. କିମ୍ବା ଥିଫ୍ଲୁଜାମିଡ୍ ୨୪ ଏସ୍.ସି. ୧ ମି.ଲି. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ବାଭିଷ୍ଟିନ୍ ୫୦ ଡବ୍ଲ୍ୟୁ.ପି.( କାରବେନ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି.) ୨.୫ ଗ୍ରାମ୍ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ପତ୍ରପୋଡା /ପତ୍ରଗାର ପୋଡା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ୧ ଗ୍ରାମ୍ ହିସାବରେ ପ୍ଲାଣ୍ଟୋମାଇସିନ୍ କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୫୦ ମି.ଗ୍ରା. ସହିତ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ହିସାବରେ ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ । ଏକ ଏକର ସିଞ୍ଚନ ପାଇଁ ସର୍ବଦା ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

- ସର୍ବଦା ମନେରଖିବା ଉଚିତ୍ ଯେ ପାଗ ପରିଷ୍କାର ଥିବା ସମୟରେ ଔଷଧ ପ୍ରୟୋଗ କରିବେ । ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ବିକଶିତ "ରାଇସ୍ ଏକ୍ସପର୍ଟ ମୋବାଇଲ ଆପ୍" ( **riceXpert** ), ଯାହାକି Google Play Store ରେ ଓଡ଼ିଆ ଓ ଇଂରାଜୀ ଭାଷାରେ ଉପଲବ୍ଧ ବ୍ୟବହାର କରନ୍ତୁ ।

******